## ସଂକ୍ଷେପରେ

### ଖବରଦାତାଙ୍କୁ ବିଡିଓଙ୍କ ଆକ୍ରମଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଯାଜପୁର ଟାଉନ,୨।୧୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ସୁବର୍ଣ୍ଣପୁର (ସୋନପୁର)ର ଖବରଦାତା ଧୀରେନ୍ଦ୍ର ଦାନୀଙ୍କୁ ଶୁକ୍ରବାର ସ୍ଥାନୀୟ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ମରଣାନ୍ତକ ଆକ୍ରମଣ କରିଛନ୍ତି। ତେଣୁ ବିଡିଓ ସ୍ୱାଇଁଙ୍କୁ ଗିରଫ ଏବଂ ସ୍ଥାନୀୟ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶନିବାର ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ (ଏସୟୁଜେ) ଓଡ଼ିଶା ଯାଜପୁର ଜିଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି, ଦାନୀ ଏକ ଦୁର୍ନୀତି ସମ୍ପର୍କିତ ଖବର ସଂଗ୍ରହ ପାଇଁ ବିଡିଓଙ୍କ ନିକଟକୁ ଯାଇଥିବାବେଳେ ତଥ୍ୟ ମିଳୁନଥିବାକୁ ନେଇ ବିଡିଓଙ୍କ ସହିତ ତାଙ୍କର କଥା କଟାକଟି ହୋଇଥିଲା। ଏହି ସମୟରେ ବିଡିଓ ଉତ୍ତେଜିତ ହୋଇ ଖବରଦାତା ଦାନୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ବିଡିଓଙ୍କ ନିର୍ଦ୍ଦେଶ ପାଇ ୪ ବ୍ଲକ କର୍ମଚାରୀ ଦାନିଙ୍କୁ ମାଡ଼ିବସିବା ପରେ ବିଡିଓ ମନଇଚ୍ଛା ତାଙ୍କ ଚ୍ୟାମ୍ବରରେ ମାଡ଼ ମାରି ରକ୍ତାକ୍ତ କରିଥିଲେ। ପ୍ରକୋଷ୍ଠ ବାହାରେ ଥିବା କେତେଜଣ ଖବରଦାତା ତାଙ୍କୁ ଉଦ୍ଧାର କରିଥିଲେ। ସେ ବିଡିଓଙ୍କ ବିରୋଧରେ ଏତଲା ଦେବା ପାଇଁ ସ୍ଥାନୀୟ ଥାନାରେ ପହଁଚିବା ପରେ ପୋଲିସ୍ ତାଙ୍କୁ କୋର୍ଟ ଚାଲାଣ କରିଥିଲା। ଦାବିପତ୍ର ପ୍ରଦାନ ସମୟରେ ଏସୟୁଜେ ଓଡ଼ିଶାର ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ଜିଲା ସଭାପତି ସୁବାସ ଧଳଙ୍କ ନେତୃତ୍ୱରେ ବରିଷ୍ଠ ସଭ୍ୟ ଶେଖ ମନିରୁଦ୍ଦିନ, ଅଶୋକ ଦାସ, ପ୍ରଦୀପ ମାଝି, ମନୋଜ ସାହୁ ଓ ସୁନିଲ ଓଝା ପ୍ରମୁଖ ସାମିଲ ହୋଇଥିଲେ।

### ପୂର୍ବତନ ସମିତିସଭ୍ୟଙ୍କ ପରଲୋକ

**ଧର୍ମଶାଳା,୨।୧୧ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅଧୀନ ଅଭୟପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଭଗବାନ ସାମଲ(୭୨)ଙ୍କ ଶୁକ୍ରବାର ସକାଳେ ପରଲୋକ ହୋଇଯାଇଛି। କିଛିଦିନ ହେଲା ସେ ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତଥିଲେ। ସାମଲ ୨୦୦୭ରେ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ୧୦ବର୍ଷ ପର୍ଯ୍ୟନ୍ତ ଗ୍ରାମର ମୁରବୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସରପଞ୍ଚ ସ୍ନେହାଞ୍ଜଳି ଗନ୍ତାୟତ, ଯୁବ ସଙ୍ଗଠକ ନିର୍ମଳ ପ୍ରଧାନ ଓ ପ୍ରଶାନ୍ତ କୁମାର ଗନ୍ତାୟତ ପ୍ରମୁଖ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ନିରଞ୍ଜନ ମୁଖାଗ୍ନି ଦେଇଥିଲେ।

# ନିମ୍ନମାନର ଡ୍ରେନେଜ କାର୍ଯ୍ୟ, କ୍ଷତିରେ ଚାଷୀ

**ବିନା ଟେଣ୍ଡରରେ କାମ ଅଭିଯୋଗ**

**ଯାଜପୁର/ପ୍ରୀତିପୁର, ୨।୧୧ (ହର୍ଷବର୍ଦ୍ଧନ ବେହେରା/ସୁଶାନ୍ତ ବେହୁରିଆ)**

ସରକାର ବଦଳିଛି, ମାତ୍ର ବଦଳିନାହାନ୍ତି ଦାୟିତ୍ୱରେ ଥିବା କେତେଜଣ ଅଧିକାରୀ। ଦୀର୍ଘ ଦିନଧରି ଗାଦି ମାଡି ବସିଥିବା କେତେଜଣ ଅଧିକାରୀଙ୍କ ଯୋଗୁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଧିକାରୀ ଓ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁ ବିପୁଳ କୋଟି ଟଙ୍କାର ସରକାରୀ ଅର୍ଥ ବିନା କାରଣରେ ହରିଲୁଟ ହେଉଥିବା ଅଭିଯୋଗ ହେଉଛି। ଏହାର ଉଦାହରଣ ଯାଜପୁର ଡ୍ରେନେଜ ବିଭାଗ ଅଧୀନ ବିଞ୍ଝାରପୁର, ସିଂହପୁର ଓ ମଙ୍ଗଳପୁର ସେକ୍ସନରେ ଦେଖାଯାଇଛି। ଏହି ବିଭାଗରେ ୫ ବର୍ଷ ମଧ୍ୟରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପ ବିନା ଟେଣ୍ଡରରେ ଠିକାଦାରମାନଙ୍କୁ ପ୍ରଦାନ କରାଯାଇଥିବା ସୂଚନା ଅଧିକାର ତଥ୍ୟରୁ ଜଣାଯାଇଛି। ଏଥିରେ ଡ୍ରେନ୍ ମରାମତି ଓ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ନିମ୍ନମାନର ନିର୍ମାଣ ଓ ମରାମତି ଯୋଗୁ


ଡ୍ରେନ୍‌ରୁ ମାଟି କଢ଼ାଯାଉଛି।

ବିଭିନ୍ନ ସମୟରେ ଘାଇ ସୃଷ୍ଟି ହୋଇ ଚାଷୀଙ୍କ କ୍ଷେତକୁ ଉଜାଡ଼ି ଦେଉଥିବା ନଜିର ରହିଛି। ବାତ୍ୟା ଦାନା ଓ ଲଗାଣ ବର୍ଷା ଯୋଗୁ ବିଞ୍ଝାରପୁର ଓ ମଙ୍ଗଳପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହେବା ସହ ବହୁ ହଜାର ହେକ୍ଟର ଚାଷଜମି ଆଜି ମଧ୍ୟ ଜଳମଗ୍ନ ହୋଇରହିଛି। ଫଳରେ ଏଠାରେ ଅମଳ ହେବାକୁ ଥିବା ଧାନ ଗଜା ହୋଇଯିବା ସହିତ ପନିପରିବା ଆଦି ପଚି ନଷ୍ଟ ହୋଇଯାଇଛି। ଏହାର ଏକ ପ୍ରମୁଖ କାରଣ ଡ୍ରେନ୍‌ରେ ବର୍ଷା ଜଳ ଠିକ ଭାବେ ନିଷ୍କାସନ ହୋଇପାରି ନ ଥିଲା ବୋଲି ଅଭିଯୋଗ ହେଉଛି। ଏହି ସବୁ ଅଞ୍ଚଳରେ କାଣୀ, ବୁଢ଼ିଆ, କାଠ, ଗରବନ୍ଧ, କେନ୍ଦୁଆ, ଧୂଆଳି, ଜୋକେଇ, ଜୁଣେଇ କୁଶଭଦ୍ରା ପ୍ରଭୃତି ଡ୍ରେନେଜ ସିଷ୍ଟମ କାର୍ଯ୍ୟ କରୁଛି। ମାତ୍ର ବିଭାଗୀୟ ଅଧିକାରୀ ଓ କେତେଜଣ ମାଛ ଧରାଳିଙ୍କ ସଲାସୁତୁରା ଯୋଗୁ ଏହି ସବୁ ନାଳ ଉପରେ ବେଆଇନ ଭାବେ ବଲ୍ଲି ଓ ବାଉଁଶ ଏବଂ ପଲିଥିନ ସାହାଯ୍ୟରେ ମାଛ ଧରିବା ପାଇଁ ବନ୍ଧ ନିର୍ମାଣ କରାଯାଇଛି। ଏହାଦ୍ୱାରା ବାତ୍ୟା ଓ ଲଗାଣ ବର୍ଷା ସମୟରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ଫଳରେ ଏହି ଦୁଇ ବ୍ଲକରେ ବହୁ ହଜାର ହେକ୍ଟର ଚାଷଜମିର ଫସଲ ଅମଳ ହେବା ପୂର୍ବରୁ ନଷ୍ଟ ହୋଇଯାଇଛି। କାଁ ଭାଁ କେତେବେଳେ ବିଭାଗ ପକ୍ଷରୁ କେତେକ ସ୍ଥାନରେ ପୋଲିସ ସହାୟତାରେ ମାଛ ବନ୍ଧ ଭଙ୍ଗାଯାଉଥିଲେ ମଧ୍ୟ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ତାହା ପୁନର୍ବାର ନିର୍ମାଣ କରାଯାଉଥିବାର ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ।

ଏ ସମ୍ପର୍କରେ ଡ୍ରେନେଜ ବିଭାଗ ଏସ୍‌ଡିଓ ପ୍ରଦୀପ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ବେଆଇନ ମାଛ ବନ୍ଧ ଯୋଗୁ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ଏହାର ଉଚ୍ଛେଦ କାର୍ଯ୍ୟ ଜାରି ରହିଛି।

## ଯୁକ୍ତ ୨ ମହିଳା କଲେଜ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

**ଧର୍ମଶାଳା,୨।୧୧ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ଯୁକ୍ତ ୨ ମହିଳା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷା ଭାବେ କବିତା ସାମଲ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅକ୍ଟୋବର ୩୧ରେ ଏହି କଲେଜର ଅଧ୍ୟକ୍ଷା ନମିତା ପରିଡ଼ା ଚାକିରିରୁ ଅବସର ଗ୍ରହଣ କରିଥିଲେ। ଏହି ଅବସରରେ କଲେଜର ପୂର୍ବତନ ଅଧ୍ୟକ୍ଷା ଓ ନୂତନ ଅଧ୍ୟକ୍ଷାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷା ନୂତନ ଅଧ୍ୟକ୍ଷାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। କଲେଜ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ନୂତନ ଅଧ୍ୟକ୍ଷା ସାମଲ ସଭାପତିତ୍ୱ କରିଥିଲେ। ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ରାଉତ, ଅଧ୍ୟାପକ ଅଶୋକ କୁମାର ଦାସ, ଅଧ୍ୟାପିକା ମାଙ୍ଗଳିକା ଦାସ, ପ୍ରଭାସିନୀ ପ୍ରଧାନ ଓ ସୋନାଲି ସାହୁ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟକ୍ଷାଙ୍କ ଶିକ୍ଷକତା ଜୀବନୀ ଉପରେ ଆଲୋକପାତ କରିଥିଲେ। ପରିଡ଼ା ୨୦୧୮ରୁ ଯୁକ୍ତ ୨ କଲେଜର ଅଧ୍ୟକ୍ଷା ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ କଲେଜର ବହୁବିଧ ଉନ୍ନତି ହେବା ସହ କଲେଜରେ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିଥିଲା ବୋଲି ସଭାରେ ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୟନ୍ତୀ ସାହୁ, ସୁନିତା ମହାନ୍ତି, ଦେବମତୀ ମିଶ୍ର, ସୁଶ୍ରୀତା ରାଉତ, ସୁବାସ ଚନ୍ଦ୍ର ସାହୁ, ଲକ୍ଷ୍ମୀପ୍ରିୟା ବାରିକ ଓ କାର୍ତ୍ତିକ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।


ଧର୍ମଶାଳା ଯୁକ୍ତ ୨ ମହିଳା କଲେଜ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ ସଭା।

## ମଣ୍ଡଳସ୍ତରୀୟ ଉଚ୍ଚ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ଶିବିର


ଶିବିରରେ ଯୋଗଦେଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି।

**ଜେନାପୁର,୨।୧୧ (ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ୟୁଜିଏମ୍‌ଇ ବିଦ୍ୟାଳୟ ପରିସରରେ ୩ ଦିନ ଧରି ମଣ୍ଡଳସ୍ତରୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁକୁନ୍ଦପୁର କ୍ଲଷ୍ଟର ସିଆର୍‌ସିସି ପ୍ରତାପ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶିବିରରେ ୬ କ୍ଲଷ୍ଟରର ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଅଭିଜିତ ବାରିକ, ସମ୍ମାନିତ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ମମିତା ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ଦାସ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଶରତ କୁମାର ପାତ୍ର, ସୁରେଶ କୁମାର ନାୟକ, କାଳନ୍ଦୀ ଚରଣ ଶତପଥୀ, ମୃତ୍ୟୁଞ୍ଜୟ ପ୍ରଧାନ, ଦିଲୀପ କୁମାର ବଳ, ବୃନ୍ଦାବନ ଚନ୍ଦ୍ର ପ୍ରଧାନ, ରଞ୍ଜନ କୁମାର ବେହେରା ପ୍ରମୁଖ ଯୋଗଦେଇ ପିଲାମାନେ କିପରି ଅଧିକ ଗୁଣାତ୍ମକ ଶିକ୍ଷା ପାଇପାରିବେ ସେ ସମ୍ପର୍କରେ ଶିକ୍ଷକମାନଙ୍କୁ ତାଲିମ ଦେଇଥିଲେ। ଏଥିସହିତ ପିଲାଙ୍କ ଅଭିଭାବକଙ୍କ ସହିତ ସୁସମ୍ପର୍କ ରଖିବାକୁ ପରାମର୍ଶ ଦେଇଥିଲେ। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦାନ କରିଥିଲେ। ପରେ ବ୍ଲକ ଶିକ୍ଷା ଅଧିକାରୀ ସ୍ଥାନୀୟ ବାଘୁଆ ବ୍ରାହ୍ମଣୀ ଦେବୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ସେଠାକାର ସମସ୍ୟା ସମ୍ପର୍କରେ ବୁଝିଥିଲେ।

### ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

**ଚଣ୍ଡିଖୋଲ,୨।୧୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗଜେନ୍ଦ୍ରପୁର ଗ୍ରାମର ଜଣେ ଶ୍ରମିକଙ୍କ ହାଇଦ୍ରାବାଦରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଜଳଧର ସେନାପତିଙ୍କ ପୁଅ ସନାତନ ସେନାପତି(୩୮)। ସନାତନ ସେଠାରେ ଶ୍ରମିକଭାବରେ କାର୍ଯ୍ୟ କରୁଥିବାବେଳେ ଏକ ଛାତ ଉପରୁ ଶୁକ୍ରବାର ଖସି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ସେଠାକାର ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସନାତନ ଜଣେ ଦିନ ମଜୁରିଆ ହୋଇଥିବାବେଳେ ତାଙ୍କର ୨ ଛୋଟ ଝିଅ ଓ ସ୍ତ୍ରୀ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗରକ୍ଷମ ଥିଲେ। ଏବେ କିପରି ତାଙ୍କ ପରିବାର ପ୍ରତି ପୋଷଣ ହେବେ ସେଥିନେଇ ଚିନ୍ତା ପ୍ରକଟ କରିଛନ୍ତି ଝିଅ ଓ ସ୍ତ୍ରୀ। ସରକାର ଉକ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ନାବାଳିକା ଅପହରଣ ଘଟଣାରେ ଭଣଜା, ମାମୁ, ମାମୁ ପୁଅ ଗିରଫ

**ବିଞ୍ଝାରପୁର,୨।୧୧ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତ ଓ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ସମ୍ପର୍କରେ ଭଣଜା, ମାମୁ ଓ ମାମୁ ପୁଅ ହେବେ।

କଲେଜ ପଢୁଆ ନାବାଳିକା ସେପ୍ଟେମ୍ବର ୧୯ରେ କଲେଜ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି କରିବା ପରେ ତାଙ୍କ ଝିଅଙ୍କୁ କେନ୍ଦ୍ରାପଡ଼ା ଜିଲା ଗୋବିନ୍ଦପୁର ଅଞ୍ଚଳର ଦୀପକ ସାମଲ କଲେଜରୁ ଅପହରଣ କରିନେଇଥିବା ଜାଣିବାକୁ ପାଇଥିଲେ। ଏନେଇ ନାବାଳିକାଙ୍କ ବାପା ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୫୮୦/୨୪ରେ ମାମଲା ରୁଜ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଘଟଣାର ପ୍ରାଥମିକ ତଦନ୍ତ ପରେ ଜାଣିବାକୁ ପାଇଥିଲା ଯେ ଦୀପକଙ୍କ ସହ ଅନ୍ୟ ଦୁଇ ସହଯୋଗୀ ଏହି ଅପହରଣରେ ସାମିଲ ଅଛନ୍ତି। ଏହି ଦୁଇ ସହଯୋଗୀ ହେଲେ ଯାଜପୁର ଜିଲା ମଙ୍ଗଳପୁର ଥାନା ଅଞ୍ଚଳର ପ୍ରତାପ ଯେନା ଓ ଶ୍ରୀଧର ଯେନା। ଏହି ଦୁଇ ଜଣ ସମ୍ପର୍କରେ ବାପପୁଅ ହୋଇଥିଲାବେଳେ ମୁଖ୍ୟ ଅଭିଯୁକ୍ତ ଦୀପକଙ୍କ ମାମୁ ଓ ମାମୁ ପୁଅ ଭାଇ। ପୋଲିସ ଏହି ଅପହରଣ ଘଟଣାରେ ଦୁଇ ସହଯୋଗୀ ପ୍ରତାପ ଓ ଶ୍ରୀଧରଙ୍କୁ ଗତ ୨୮ ତାରିଖରେ ମଙ୍ଗଳପୁର ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମୁଖ୍ୟ ଅଭିଯୁକ୍ତ ଦୀପକ ଫେରାର ଥିଲେ। ପୋଲିସ ଶୁକ୍ରବାର ରାତିରେ ଯାଜପୁର ଟାଉନ ଅଞ୍ଚଳରେ ଚଢ଼ାଉ କରି ଦୀପକଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପୋଲିସ ଶନିବାର ନାବାଳିକାଙ୍କୁ ତାଙ୍କ ପରିବାରର ଜିମା ଦେବା ସହିତ ମୁଖ୍ୟ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରିବା ପରେ କୋର୍ଟଚାଲାଣ କରିଛି।

## ଓଡ଼ିଆ ବିଭାଗ ଛାତ୍ରୀଙ୍କ ଆଧ୍ୟାତ୍ମିକ ସ୍ଥାନ ପରିଦର୍ଶନ


ପରିଦର୍ଶନରେ ଯାଇଥିବା ଇନ୍ଦିରାଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ସମ୍ମାନ ବିଭାଗ ଛାତ୍ରୀମାନେ।

**ଯାଜପୁରରୋଡ୍,୨।୧୧ (ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ପୌରପରିଷଦର ଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ସମ୍ମାନ ବିଭାଗ ଛାତ୍ରୀମାନେ କେନ୍ଦୁଝର ଜିଲାର ବିଭିନ୍ନ ଐତିହାସିକ ଓ ଆଧ୍ୟାତ୍ମିକ ସ୍ଥାନ ପରିଦର୍ଶନ କରିଛନ୍ତି। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସୁମିତ୍ରା ରାଉତଙ୍କ ତତ୍ତ୍ୱାବଧନାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଛାତ୍ରୀମାନେ ମହାବିଦ୍ୟାଳୟ କ୍ୟାମ୍ପସରୁ ବାହାରି ପ୍ରଥମେ ଘଟଗାଁସ୍ଥିତ ଆରାଧ୍ୟା ଦେବୀ ମା' ତାରିଣୀଙ୍କୁ ଦର୍ଶନ କରିଥିଲେ। ପରେ କେନ୍ଦୁଝରର ପାଟଣାସ୍ଥିତ ପୂଣ୍ୟତୋୟା ବୈତରଣୀ ନଦୀକୂଳରେ ଅବସ୍ଥିତ ଝାଡ଼େଶ୍ୱର ମହାଦେବଙ୍କ ମନ୍ଦିରକୁ ଯାଇ ବାବାଙ୍କୁ ଦର୍ଶନ କରିବା ସହ ମାହାତ୍ମ୍ୟ ସମ୍ପର୍କରେ ପୂଜକଙ୍କଠାରୁ ପଚାରି ବୁଝିଥିଲେ। ସନ୍ଧ୍ୟାରେ ପାଟଣାସ୍ଥିତ ଜଗନ୍ନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କ ଦର୍ଶନ ପୂର୍ବକ ସନ୍ଧ୍ୟା ଆଳତି କରିଥିଲେ। ମଧ୍ୟାହ୍ନ ସମୟରେ ପିଲାମାନେ ଗୁଣ୍ଡିଚା ଘାଗୀ ଜଳପ୍ରପାତ ବୁଲି ଦେଖିଥିଲେ।

**ଇନ୍ଦିରାଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟ**

ସେହି ଜଙ୍ଗଲ ଘେରା ମନୋରମ ବନ ପରିବେଶ ମଧ୍ୟରେ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପିକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ରତ୍ନାକର ଜେନା ଯୋଗଦେଇ ସେଠାକାର ଶୋଭାରାଶି ଓ ଐତିହ୍ୟତଥ୍ୟ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ମଳୟ କୁମାର ମଲ୍ଲିକ, ଅଧ୍ୟାପିକା ଝୁନୁମଣୀ ଜେନା ଓ ମୁଖ୍ୟକିରାଣୀ ପ୍ରଦୀପ କୁମାର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ।

ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବ୍ରହ୍ମ, ସାଗରିକା ଜେନା, ରମାରାଣୀ ମଲ୍ଲିକ, ଭାନୁମତି ମଲ୍ଲିକ, ଗୀତାଞ୍ଜଳି ପତ୍ରି, ଲିଜାରାଣୀ ରଥ, ମମତରାଣୀ ମାଝୀ, ମମତା ପାଢ଼ୀ, ବର୍ଷାରାଣୀ ଦାସ, ସୋନୀ ସାହୁ, ପ୍ରିୟଙ୍କା ପଣ୍ଡା, ଇତିଶ୍ରୀ ମାଝୀ, ପ୍ରଜ୍ଞାପାରମିତା ପତି, ସିଲି ସେଠୀ, ଅର୍ପିତା ନାୟକ, ଅଭିଲିପ୍ସା ସାମଲ, ମନସ୍ମିତା ରାଉତ, ଲିସାରାଣୀ ସାମଲ, ସୁଶ୍ରୀ ସଙ୍ଗୀତା ଦେଓ, ଦୀପାରାଣୀ ଜେନା, ତୁଳସୀ ସାମଲ, ସୋନାଲି ରଣା ଓ ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମୃତିରେଖା ସାହୁ, ଅଲିଭା ମଲ୍ଲିକ, ହରପ୍ରିୟା ଦଳାଇ, ଝିଲି ବିଶ୍ୱାଳ, ମୃଣ୍ମୟୀ ତରାଇ, ସୁବର୍ଣ୍ଣା ସାହୁ, ପୁଷ୍ପଲତା ଜେନା, ମୋନାଲିସା ମଲ୍ଲିକ, ମୋନାଲିସା ବେହେରା, ସୁମିତ୍ରା ମଲ୍ଲିକ, ମାନିନୀ ବେହେରା, ମମତାରାଣୀ ବେହେରା,ଏଲିଜା ପ୍ରିୟଦର୍ଶିନୀ ବ୍ରହ୍ମ, ଅନିସା ପ୍ରିୟଦର୍ଶିନୀ ରାୟ, ଶୁଭସ୍ମିତା ସାହୁ, ପ୍ରିତିରୂପା ସାହୁ, ମୋନାଲିସା ତରେଇ, ଜନନୀ ମାଝୀ ପ୍ରମୁଖ ଛାତ୍ରୀମାନେ ଯୋଗଦେଇଥିଲେ। ଆଲୋଚନାଚକ୍ର ପରିଚାଳନାରେ ବିଚିତ୍ର ଦଳେଇ ଓ କବିତା କଲୋଳିନୀ ସିହ୍ନା ସହଯୋଗ କରିଥିଲେ। ଛାତ୍ରୀ ସ୍ମୃତିରେଖା ସାହୁ ଧନ୍ୟବାଦ ଦେଇଥିଲେ।

# ନାଳକୂଳ ପୋଲ ମରଣଯନ୍ତା

- ସେତୁ ମଝିରୁ କଂକ୍ରିଟ ଉଠି ଦେଖାଯାଉଛି ରଡ୍
- ତୁରନ୍ତ ମରାମତି ପାଇଁ ଦାବି

**ବ୍ରହ୍ମବରଦା,୨।୧୧ (ଯଯାତିକେଶରୀବେହେରା):**

ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ନାଳକୂଳ-ଭଗବାନପୁର ସେତୁ ମରଣଯନ୍ତା ପାଲଟିଛି। ଏହି ସେତୁ ବ୍ରାହ୍ମଣୀର ଶାଖା କେଲୁଅ ନଦୀ ଉପରେ ଅବସ୍ଥିତ। ଦ୍ୱୀପାଞ୍ଚଳରେ ବ୍ରହ୍ମବରଦା ଏକ ବାଣିଜ୍ୟିକ ପେଣ୍ଠସ୍ଥଳୀ ସହ ଶିକ୍ଷାର ମଧ୍ୟ ପେଣ୍ଠସ୍ଥଳ। ସ୍କୁଲ, କଲେଜ, ବ୍ୟାଙ୍କ ଓ ଡାକ୍ତରଖାନାକୁ ଯିବା ଆସିବା ପାଇଁ ଏହି ସେତୁର ନିତ୍ୟାନ୍ତ ଆବଶ୍ୟକ ରହିଛି। ଏହି ସେତୁ ଉପରେ ୧୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଗମନା ଗମନ ପାଇଁ ନିର୍ଭର କରିଥାନ୍ତି। ବିଭିନ୍ନ ସମୟରେ ଉକ୍ତ ରାସ୍ତାଦେଇ ଲୁହାପଥର ବୋଝେଇ ଟ୍ରକ୍ ସବୁ ପାରାଦୀପ ଅଭିମୁଖେ ଯିବା ଆସିବା କରିଥାନ୍ତି। କିଛିଦିନ ହେବ ଏହି ସେତୁ ମଝି ଅଂଶର ଉପର ଭାଗ ୫ରୁ୬ଫୁଟ ଯାଏ କଂକ୍ରିଟ ଉଠିଯାଇଛି ଏବଂ ଲୁହା ରଡ୍‌ଗୁଡ଼ିକ ବାହାରକୁ ବାହାରିପଡ଼ିଛି। ସେତୁଟି ଅଣଓସାରିଆ ହୋଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଥିବା ନଜରକୁ ଆସିଛି। ଫଳରେ ଏହାକୁ ନେଇ ଜନଅସନ୍ତୋଷ ବଢିବାରେ ଲାଗିଛି।

ପୂର୍ବରୁ ଧରିତ୍ରୀରେ ଏହି ବିପଦ ସଙ୍କୁଳ ପୋଲ ସମ୍ପର୍କରେ ଖବର ପ୍ରକାଶିତ ହେବାପରେ ବିଭାଗ ପକ୍ଷରୁ ପୋଲର ଉକ୍ତ ସ୍ଥାନଟି ଠିକାଦାଙ୍କ ଦ୍ୱାରା ମରାମତି କରାଯାଇଥିଲା। କିନ୍ତୁ ତାହା ମଧ୍ୟ ନିମ୍ନମାନର କାମଥିଲା। କିଛିଦିନ ପରେ ପୁଣି ପୋଲରେ ଗର୍ତ୍ତ ଦେଖିବାକୁ ମିଳିଛି। ଲୋକଙ୍କ ଅଭିଯୋଗ ମୁତାବକ, ପୋଲ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାସଂସ୍ଥା ଅତିନିମ୍ନମାନର କାମ କରଛି। ରକ୍ଷଣାବେକ୍ଷଣ ଅଭାବ ଯୋଗୁ ୧୦ବର୍ଷ ପୂର୍ବେନିର୍ମିତ ଏହିସେତୁଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଥିପ୍ରତି ବିଭାଗ ଦୃଷ୍ଟି ଦେଇ ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଅନୁରୋଧ କରିଛନ୍ତି।


ପୋଲରେ ପିଚୁ ଉଠି ରଡ ଦିଶୁଛି।

## ସଂକ୍ଷେପରେ

### ଧର୍ମ ପରାୟଣ ମହିଳାଙ୍କ ପରଲୋକ

ପାଟକୁରା,୨।୧୧(ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ତେଣ୍ତାକୁ ପଞ୍ଚାୟତ ଅନ୍ତର୍ଗତ ଜୟତଲଙ୍ଗ ଗ୍ରାମର ଧର୍ମପାରାୟଣ ମହିଳା ତଥା କାର୍ତ୍ତିକ ଚନ୍ଦ୍ର କାନୁନଗୋଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା କାନୁନଗୋଙ୍କର ୮୬ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ଏକମାତ୍ର ପୁଅ ଦୀପ୍ତିରଞ୍ଜନ କାନୁନଗୋ, ବୋହୂ ଲକ୍ଷ୍ମୀପ୍ରିୟା କାନୁନଗୋ, ଝିଅ ସଲିଳା ମହାନ୍ତି, ଜ୍ୱାଇଁ ଅବସରପ୍ରାପ୍ତ ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା, ପୂର୍ବତନ ସରପଞ୍ଚ ରବିନ୍ଦ୍ରନାଥ ମହାନ୍ତି, ବାନାମ୍ବର ଦାସ, ଧ୍ରୁବଚରଣ ହୋତା,ଅମିୟ କୁମାର ଦାଶ, ଗୋଲକ ଚନ୍ଦ୍ର କାନୁନଗୋ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଥିଲେ । ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି ।

### ଖବରଦାତାଙ୍କ ସ୍ମୃତିଚାରଣ ସଭା

ରାଜକନିକା,୨।୧୧(ସଞ୍ଜୟ କୁମାର ଦାଶ)

ଖବରଦାତା ରମେଶ ଜେନାଙ୍କ ଏକାଦଶାହରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ରାଜକନିକା ବ୍ଲକ କଣ୍ଟପଡା ପଞ୍ଚାୟତସ୍ଥିତ କାଳିକାପୁର ଗାଁର ତାଙ୍କ ବାସଭବନ ଆୟୋଜିତ ସ୍ମୃତି ସଭାରେ ସାମାଜିକ କର୍ମୀ ମଙ୍ଗୁଳି ଚରଣ ବେହେରା ସଂଯୋଜନା କରିଥିଲେ । ଏଥିରେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡା, ପ୍ରବୀଣ ବଳ, ସଞ୍ଜୟ କୁମାର ଦାଶ, ଅଜୟ କୁମାର ରାଉତ, କମଳ ଲୋଚନ ଗିରି, ନୁରେଇ ଖାଁ, ଅଜିତ୍ କୁମାର ବେହେରିଆ, ବିକାଶ କୁମାର ନାୟକ, ସତ୍ୟ ସିଂ, ସୁବ୍ରତ କୁମାର ରାୟ, ପ୍ରକାଶ କୁମାର ନାୟକ, ବିଭୁପ୍ରସାଦ ଦାଶ, ଆଶିଷ କୁମାର ନାୟକ, ସରୋଜ ନାୟକ ଓ ସୁଜିତ୍ ବେହୁରା ପ୍ରମୁଖ ଉପସ୍ଥିତ ରହି ଜେନାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସ୍ମୃତି ଚାରଣ କରିଥିଲେ ।

### ଆଇନଜୀବୀଙ୍କ ଅକାଳ ବିୟୋଗ

କୁଜଙ୍ଗ,୨।୧୧(ମନୋଜ ପ୍ରଧାନ)

କୁଜଙ୍ଗର ବରିଷ୍ଠ ଆଇନଜୀବୀ ଅର୍ଜ୍ଜୁନୀ ଚରଣ ନାୟକ(୬୪)ଙ୍କ ଅକାଳ ବିୟୋଗ ଘଟିଛି। ଶନିବାର ସକାଳୁ ସେ ତାଙ୍କ କୁଜଙ୍ଗସ୍ଥିତ ବାସଭବନର ଫାଟକ ଖୋଲୁଥିବା ସମୟରେ ଛାତିରେ ଯନ୍ତ୍ରଣା ହେବାରୁ ତଳେ ପଡ଼ିଯାଇଥିଲେ । ପରିବାର ଲୋକେ ତୁରନ୍ତ ତାଙ୍କୁ ନେଇ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ । ସେଠାରେ ଅର୍ଜ୍ଜୁନୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ତାଙ୍କ ମରଶରୀର କୁଜଙ୍ଗରେ ପହଞ୍ଚିବା ପରେ କୁଜଙ୍ଗ ଓକିଲ ସଂଘ ସଭାପତି ସୁଶାନ୍ତ ପଟ୍ଟନାୟକ, ସମ୍ପାଦକ ଏ.ଏନ୍.ଡି. ଯାଦବଙ୍କ ସମେତ ସମସ୍ତ ଆଇନଜୀବୀ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହାପରେ ଅର୍ଜ୍ଜୁନୀଙ୍କ ମୃତଦେହ ଜନ୍ମ ମାଟି କୁଜଙ୍ଗ ବ୍ଲକ ଅନ୍ତର୍ଗତ କୋଠି ଗ୍ରାମକୁ ନିଆଯାଇଥିଲା । ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ପେଣ୍ଠ ବେଳାଭୂମିରେ ମହୋଦଧି ଆଳତି

ରାଜନଗର,୨।୧୧(ଭାସ୍କର ରାଉତରାୟ)



କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ପେଣ୍ଠ ବେଳାଭୂମିରେ ମହୋଦଧି ଆଳତୀ ଓ ଦରିଆ ଦେବତାଙ୍କ ପୂଜାର୍ଚ୍ଚନା କରାଯାଇଛି । ରାଜନଗର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଞ୍ଚଳିକ ଭକ୍ତ ଗୋଷ୍ଠୀର ସେବକ ଅଭୟ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହୋଦଧି ଆଳତୀ ପୂର୍ବରୁ ବେଳାଭୂମିରେ ବେଦମନ୍ତ୍ର ଦ୍ୱାରା ହୋମଯଜ୍ଞ କରାଯାଇଥିଲା । ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପଣ୍ଡିତ ପ୍ରକାଶ ଶତପଥୀ, ପଣ୍ଡିତ ସନ୍ତୋଷ ଶତପଥୀ ପ୍ରମୁଖଙ୍କ ଦ୍ୱାରା ଏହି ଆଳତୀ କରାଯାଇ ଦରିଆ ଦେବତା ତାଙ୍କ କୋପରୁ ସଦାସର୍ବଦା ରାଜନଗରବାସୀଙ୍କୁ ସୁରକ୍ଷା ଦେଇ ଆସିଥିବାରୁ ଆଳତୀ ମାଧ୍ୟମରେ ଅଜସ୍ର ପ୍ରତିବେଦନ ସମ୍ପନ୍ନ କରାଯାଇଥିଲା ।

ସୂଚନାଯୋଗ୍ୟ ଗତମାସରେ ବାତ୍ୟା ଦାନା ରାଜନଗର ଭିତରକନିକାରେ ସ୍ଥଳଭାଗ ଛୁଇଁଥିଲ । ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିଲେ ମଧ୍ୟ ତାହା ଉପକୂଳବର୍ତ୍ତୀ ଗାଁଗୁଡ଼ିକରେ ବିଶେଷ କିଛି କ୍ଷତି ଘଟାଇ ନ ଥିଲା । ରାଜନଗରବାସୀ ଆସନ୍ନ ବିପଦରୁ ରକ୍ଷା ପାଇଥିବାରୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଞ୍ଚଳିକ ଭକ୍ତିଙ୍କ ପକ୍ଷରୁ ଏହି ମହୋଦଧି ଆଳତୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇଆଇସି ଅଜୟ କୁମାର ଜେନା, ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ବିଜୟ କୁମାର ରାଉତ, ସର୍ବେଶ୍ୱର ମହାନ୍ତି, ସ୍ୱାମୀ ରଜତାନନ୍ଦ ସରସ୍ୱତୀ, ଆଞ୍ଚଳିକ ଭକ୍ତ ଗୋଷ୍ଠୀର ସଭାପତି ଦିବାକର ପରିଡା, ସମ୍ପାଦକ ଅଭିରାମ ମହାନ୍ତି, ଦେବେନ୍ଦ୍ର କୁମାର ଜେନା, ଗଗନ ବିହାରୀ ସାହୁଙ୍କ ସମେତ ରାଜନଗର ଅଞ୍ଚଳର ୫ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ଭବ୍ୟ ମହୋଦଧି ଆଳତୀକୁ ଦର୍ଶନ କରିଥିଲେ ।

# ମା' ଧାନେଶ୍ୱରୀ ପୀଠରେ ରାହାସ ଯାତ୍ରା ପାଇଁ ପ୍ରସ୍ତୁତି

ପଟ୍ଟାମୁଣ୍ଡାଇ,୨।୧୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ରାହାସ ଯାତ୍ରାକୁ ସଫଳତାର ସହ ଆୟୋଜନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପିଠାଧୀଶ ପ୍ରଫୁଲ୍ଲ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ୧୫ନଂ.ଜୋନ୍ ପୂର୍ବତନ ଜିଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ,ଅଳପୁଆ ସରପଂଚ ପଦ୍ମିନୀ ବେହେରା, ସମିତି ସଭ୍ୟ ରାମ ଚନ୍ଦ୍ର ସେଠୀ, ପୂର୍ବତନ ସମିତ ସଭ୍ୟ ଚନ୍ଦନ ସାହୁ, ପୂର୍ବତନ ସରପଞ୍ଚ ରମେଶ ଦାସ, ଗଗନ ମହାଳିକ, ରତିକାନ୍ତ ଧଳ, ବଭ୍ରୁବାହନ ଧଳ, ବିଚିତ୍ରାନନ୍ଦ ବେହେରା, ସୁବାସ ସାହୁ, କୈବଲ୍ୟ ପରିଡ଼ା, କିଶୋର ରାଉତ, ସୁଶାନ୍ତ ରାଉତ,ପଦ୍ମନାଭ ନାୟକ,ଜାନକୀ ବିଶ୍ୱାଳ,ରଶ୍ମିକାନ୍ତ ବେହେରା, କୃତ୍ତିବାସ ସାହୁ, ଶ୍ରୀମନ୍ତ ଜେନା, ଚନ୍ଦ୍ରଶେଖର ମଲିକ, ଶତ୍ରୁଘ୍ନ ମଲିକ,ମଧୁସୂଦନ ଦାସ, କମଳାକାନ୍ତ ସାହୁ, ରାଜେନ୍ଦ୍ର ବିହାରୀ,ହେମନ୍ତ ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେବା ସହିତ ରାହାସ ଯାତ୍ରାକୁ ସଫଳ କରିବା ପାଇଁ ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ । ରଶ୍ମିକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ ।

# ମଧୁସୂଦନପୁରରେ ମା' ଶ୍ୟାମାକାଳୀ ପୂଜା



ମାର୍ଶାଘାଇ,୨।୧୧(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ମଙ୍ଗରାଜପୁର ପଞ୍ଚାୟତ ମଧୁସୁଦନପୁର ଶ୍ରୀମା'ଅରବିନ୍ଦ କ୍ଲବ୍ ତରଫରୁ ୩୭ତମ ମା'ଶ୍ୟାମାକାଳୀ ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ କଳସଧିବାସ ବେଦପାଠଦେବୀଙ୍କ ଚକ୍ଷୁଦାନ, ଷୋଡ଼ଶ ଉପଚାରପୂଜା, ଚଣ୍ଡୀପାଠ, ଚଣ୍ଡୀଯଜ୍ଞ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମା'ଶ୍ୟାମାକାଳୀଙ୍କ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ୭ ଦିନଧରି ଅନୁଷ୍ଠିତ ହେବ ବୋଲି ପୂଜା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ନଭେମ୍ବର ୬ରେ ଭସାଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ ପ୍ରକାଶ କରିଛନ୍ତି । ସେହିପରି ଶିଳିପୁର କାଳୀ ମନ୍ଦିରରେ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଛି । ୫ଦିନ ଧରି ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କମିଟି ତରଫରୁ ସଭାପତି ପ୍ରତାପ ଚନ୍ଦ୍ର ଦାସ, ସମ୍ପାଦକ ପ୍ରଦୀପ କୁମାର ସାହୁ, ଉପସଭାପତି ନିତ୍ୟାନନ୍ଦ ପରିଡ଼ା ,ଯଦୁନାଥ ସ୍ୱାଇଁ ପ୍ରମୁଖ ସହଯୋଗ କରୁଛନ୍ତି । ରଙ୍କାଳ ହାଟପଡ଼ିଆ କାଳିପୂଜା କମିଟି ତରଫରୁ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହେଉଛି । କୁହୁଡ଼ି ପଞ୍ଚାୟତ ଥାଉରୀ ମଣ୍ଡପରେ ମା' ଶ୍ୟାମାକାଳୀପୂଜା ମହାସମାରୋହରେ ଚାଲିଛି ।

# ଚାନ୍ଦବାଲି ଏନ୍ଏସି ଚାମ୍ପିୟନ




ରାଜକନିକା,୨।୧୧(ସଞ୍ଜୟ କୁମାର ଦାଶ)

### ନେତାଜୀ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ

ରାଜକନିକାର ବ୍ଲକର ତରାସ ପଞ୍ଚାୟତର ନେତାଜୀ କ୍ଲବ, ତରାସ ପକ୍ଷରୁ ଅନ୍ତଃଜିଲା ଫୁଟବଲ ଟୁର୍ଣ୍ଣାମେଣ୍ଟ ନେତାଜୀ କପ୍-୨୦୨୪ରେ ଚାନ୍ଦବାଲି ଏନଏସି ଚାମ୍ପିୟନ ହୋଇଛି । ଶୁକ୍ରବାର ଓ ଶନିବାର ୨ ଦିନିଆ ଏହି ଟୁର୍ଣ୍ଣାମେଣ୍ଟରେ ଏସ୍ଏନ୍ କ୍ଲବ ବାଘବୁଦା, ଏନଏସି ଚାନ୍ଦବାଲି, କିଷାନ କ୍ଲବ ଗୋଲାଡ଼ିଆ, ପଟ୍ଟାମୁଣ୍ଡାଇ ଫୁଟବଲ ଆସୋସିଏଶନ, ଡିଫା ଯାଜପୁର, ମା ମଙ୍ଗଳା ଆଥଲେଟିକ ଆସୋସିଏଶନ ଯାଜପୁର, ପାରାଦୀପ ପୋର୍ଟ, ନେତାଜୀ କ୍ଲବ ତରାସ ଓ ୟୁନାଇଟେଡ଼ କ୍ଲବ ଭଦ୍ରକ ଭଳି ୧୦ଟି ଟିମ ଅଂଶ ଗ୍ରହଣ କରିଥିଲେ । ଗ୍ରୁପ-ଏ' ଓ ଗ୍ରୁପ-ବି' ଦୁଇଟି ବିଭାଗର ଟିମ ମଧ୍ୟରେ ଲିଗ, କ୍ୱାଟର, ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାପରେ ଫାଇନାଲ ଖେଳିବା ପାଇଁ ପଟ୍ଟାମୁଣ୍ଡାଇ ଫୁଟବଲ ଆସୋସିଏଶନ ଓ ଏନଏସି ଚାନ୍ଦବାଲି ବିବେଚିତ ହୋଇଥିଲେ । ଶନିଦିନ ଅନୁଷ୍ଠିତ ଫାଇନାଲ ମ୍ୟାଚର ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟ ଟିମ ଗୋଲ କରିବାରେ ଅକ୍ଷମ ହେବାରୁ ଟ୍ରାଇବ୍ରେକର ଜରିଆରେ ଏନଏସି ଚାନ୍ଦବାଲି ପଟ୍ଟାମୁଣ୍ଡାଇ ଫୁଟବଲ ଆସୋସିଏଶନକୁ ୪-୧ ଗୋଲ ବ୍ୟବଧାନରେ ହରାଇ ନେତାଜୀ କପ-୨୦୨୪ର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ।

ଆୟୋଜିତ ଉଦ୍ଯାପନୀ ଉତ୍ସବରେ ନେତାଜୀ କ୍ଲବର ସଭାପତି ବନଜ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ୧୫ ହଜାର ଅର୍ଥରାଶି ଏବଂ ରନର୍ସଅପ୍ ଟିମକୁ ରନର୍ସଅପ ଟ୍ରଫି ସହ ୧୦ ହଜାର ଅର୍ଥରାଶି ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ସମ୍ମାନିତ ଅତିଥି ଭାବେ ଭାଜପା କେନ୍ଦ୍ରାପଡ଼ା ଜିଲା ସଭାପତି କିଶୋର ପଣ୍ଡା, ଭାଜପା କେନ୍ଦ୍ରାପଡା ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, କବିସୂର୍ଯ୍ୟନଗର ବିଜ୍ଞାପିତ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜିବ କୁମାର ମହାପାତ୍ର ଏବଂ ସାମାଜିକ କର୍ମୀ ସତ୍ୟନାରାୟଣ ଜେନା ପ୍ରମୁଖ ଯୋଗ ଖେଳାଳିମାନଙ୍କୁ ଉତ୍ସାହିତ କରଥିଲେ ।

ମ୍ୟାନ ଅଫ୍ ଦି ମ୍ୟାଚ ପଟ୍ଟାମୁଣ୍ଡାଇ ଫୁଟବଲ ଆସୋସିଏଶନର ସେକ ରାଜା ଓ ମ୍ୟାନ ଅଫ୍ ଦି ଟିମ ଏନଏସି ଚାନ୍ଦବାଳିର ଭିକି ସେଠୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ରେଫ୍ରି ଭାବେ ତାଜୁଦ୍ଦିନ ଖାଁ, ସେକ ରିଆଜ କାଣ୍ଡରୀ, ଚିତ୍ତରଞ୍ଜନ ଓଝା, ସୁଶାନ୍ତ ବିଶ୍ୱାଳ, ସଞ୍ଜୟ ନାୟକ, ସେକ ସଲିମ ଦାୟିତ୍ୱ ତୁଲାଇଥିଲେ । ସମ୍ପାଦକ ସୁବର୍ଣ୍ଣ କେଶରୀ ଦଳାଇ ବିବରଣୀ ପାଠ କରିଥିବା ବେଳେ, ବିରଜା ପ୍ରସନ୍ନ ପତି ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଶିବ ପ୍ରସାଦ ମଲିକଙ୍କ ସଂଯୋଜନାରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନେତାଜୀ କ୍ଲବର ସମସ୍ତ ସଭ୍ୟ, ବାଳିକା କ୍ରୀଡ଼ାବିତ୍, ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ ।

### ପଟ୍ଟାମୁଣ୍ଡାଇ କଲେଜ ଦର୍ଶନ ବିଭାଗ ଆଲୁମ୍ନି ବୈଠକ

ପଟ୍ଟାମୁଣ୍ଡାଇ,୨।୧୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ କଲେଜ ଦର୍ଶନ ବିଭାଗ ଆଲମୁନି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଶିଶିର ସ୍ୱାଇଁ, ପ୍ରଶନ୍ତେ ବେହେରା, ପ୍ରିୟା ରାଉତ, ସଂଗୀତା ପରିଡା, ସୁରଜ ସ୍ୱାଇଁ ପ୍ରମୁଖ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇ କଲେଜ ଜୀବନର ସ୍ମୃତିଚାରଣ କରିବା ସହିତ ଏହି ଗୌରବମୟ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ସମସ୍ତ ପୁରାତନ ଛାତ୍ରୀଛାତ୍ର ଆଗେଇ ଆସିବାକୁ ନିବେଦନ କରିଥିଲେ । ଦର୍ଶନ ବିଭାଗ ମୁଖ୍ୟ ଅଧ୍ୟାପକ ଶ୍ରୀମନ୍ତ ଜେନା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଅଧ୍ୟାପିକା ଆର.ଏଲ୍ ମଧୁସ୍ମିତା ପରିଡା ଆଲମୁନି କମିଟି ବୈଠକ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ଆଲୋକ ସାହୁ ଧନ୍ୟବାଦ ଦେଇଥିଲେ । ଶେଷରେ ପୁରାତନ ଛାତ୍ରୀଛାତ୍ରମାନେ କଲେଜ ପରିସର ସଫେଇ କରିବା ସହିତ ଚାରା ରୋପଣ କରିଥିଲେ ।

### ପୋଖରୀରେ ବୁଡ଼ି ଯୁବତୀ ମୃତ

ନାଉଗାଁ,୨।୧୧(ସୁଧା ବେହୁରା)

ପୋଖରୀରେ ବୁଡ଼ିଯିବାରୁ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ଗଳଧାରୀ ଗ୍ରାମର ଲିଙ୍ଗରାଜ ବେହେରାଙ୍କ ଝିଅ ମନୋରମା(୨୭)ଙ୍କ ମୃତ୍ୟୁ ଘଟିଛି । ମିଳିଥିବାସୂଚନା ଅନୁସାରେ, ଶୁକ୍ରବାର ରାତିରେ ମନୋରମା ସବୁଦିନ ପରି ଖାଇସାରି ଶୋଇବାକୁ ଯାଇଥିଲେ । ଭୋର ସମୟରେ ପରିବାର ଲୋକେ ଉଠିବା ପରେ ଝିଅକୁ ଘରେ ନ ପାଇ ଖୋଜାଖୋଜି କରିଥିଲେ । ଏହାପରେ ବାରିପଟ ପୋଖରୀରୁ ଝିଅକୁ ଭାସୁଥିବା ଦେଖି ଉଦ୍ଧାର କରି ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ମନୋରମାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ନାଉଗାଁ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନାରେ ଅପମୃତ୍ୟୁ ମାମଲା (ନଂ. ୧୭/୨୪) ରୁଜୁ କରିଛି । ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ଜିଲା ଚିକିତ୍ସାଳୟକୁ ପଠାଯାଇଛି ବୋଲି ଥାନାଧିକାରୀ ସଂଘମିତ୍ରା ନାୟକ କହିଛନ୍ତି ।

### କାଳିକାପୁର ଦକ୍ଷିଣ କାଳୀଙ୍କ ରାଜରାଜେଶ୍ୱରୀ ବେଶ

ରାଜକନିକା,୨।୧୧(ସଞ୍ଜୟ କୁମାର ଦାଶ)



ରାଜକନିକା ବ୍ଲକ କାଳିକାପୁରର ପ୍ରସିଦ୍ଧ ଶକ୍ତିପୀଠ ମା' ଦକ୍ଷିଣ କାଳୀକାଇଙ୍କ ମନ୍ଦିରରେ ଚଳିତ ବର୍ଷ କାଳୀପୂଜା ମହାସମାରୋହରେ ଅନୁଷ୍ଠିତ ହେଉଛି । ଏହି ଉପଲକ୍ଷେ ମା' ଦକ୍ଷିଣ କାଳୀକାଇଙ୍କ କଳସ ଯାତ୍ରା, ଷୋଡ଼ଶ ଉପଚାର ପୂଜା ସହ ସୂର୍ଯ୍ୟପୂଜା, ଗୋପୂଜା, ଶିବପୂଜା, ଅଭିଷେକ, ଚଣ୍ଡୀପାଠ, ବିଶଶାନ୍ତି ମହାଯଜ୍ଞ ସହ ଅଙ୍କୁରାରୋପଣ ଆଦି ଅନୁଷ୍ଠିତ ହୋଇଛି । ଗୁରୁବାର ମା' କାଳୀ ରାଜରାଜେଶ୍ୱରୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ । ମା'ଙ୍କର ଏହି ବେଶ ଦେଖିବାପାଇଁ ଶକ୍ତିପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା । କାଳିକାପୁର, ଗଙ୍ଗାଧରପୁର, ଝରମୁହଁ, ଜରିସାହି ଓ ଚେରଣ୍ଟପଡା ଆଦି ଚାରିଗଣ୍ଡ ଗ୍ରାମର ଗ୍ରାମବାସୀ ତଥା ସାର୍ବଜନୀନ ମା' ଦକ୍ଷିଣକାଳୀକା ପୂଜା କମିଟି ପକ୍ଷରୁ ଉତ୍ସବ ପରିଚାଳନା କରାଯାଇଥିଲା ।

# ବିଜେଡି ବୈଠକ, ୧ ଲକ୍ଷ ସଭ୍ୟ ସଂଗ୍ରହ ଲକ୍ଷ୍ୟ



ବିଜେଡି କାର୍ଯ୍ୟାଳୟରେ ଦଳର ସଭ୍ୟ ସଂଗ୍ରହ ଓ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ।

ରାଜନଗର,୨।୧୧(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବିଜେଡି କାର୍ଯ୍ୟାଳୟରେ ଦଳର ସଭ୍ୟ ସଂଗ୍ରହ ଓ ପଦଯାତ୍ରା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଦଳର ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ସହ ରାଜନଗର ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପ୍ରତି ପଞ୍ଚାୟତରେ ସଭ୍ୟ ସଂଗ୍ରହ ଅଭିଯାନ ଯେପରି ତ୍ୱରାନ୍ୱିତ ହେବ ସେ ନେଇ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଏଥିସହିତ ଆଗାମୀ ୧୦ ତାରିଖରେ ୩୧ନଂ. ଜୋନରେ ପଦଯାତ୍ରା ଓ ଚାନ୍ଦିବାଉଁଶମୂଳଠାରେ ସାଧାରଣ ସଭା କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲିକ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ନାୟକ, ସରପଞ୍ଚ କୈଳାସ ଚନ୍ଦ୍ର ପରିଡା, ଅଶୋକ ମହାନ୍ତି, ଗୋଲେଖ ଚନ୍ଦ୍ର ସ୍ୱାଇଁ, ଇତିଶ୍ରୀ ମହାପାତ୍ର, ପୁଷ୍ପଲତା ପାତ୍ର, ଚିତ୍ତ ରଞ୍ଜନ ପଣ୍ଡା, ନନ୍ଦ ଦୁଲାଲ ପରିଡ଼ା, ଶୈଳେନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇଥିଲେ ।

# ପାଟକୁରାର ବିକାଶ ପାଇଁ ଅଞ୍ଚଳବାସୀଙ୍କ ସହଯୋଗ ଲୋଡ଼ିଲେ ବିଧାୟକ

ଡେରାବିଶ,୨।୧୧(ବେବର୍ତ୍ତା ଅଜୟ ଦାସ)

### ସମସ୍ୟାର ସମାଧାନ ପାଇଁ ବିଜୟଙ୍କ ସହ ଆଲୋଚନା



ପାଟକୁରା ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ସୟଦ ଜମାଲ ଶାହା ପୀର ବାବାଙ୍କ ପୀଠସ୍ଥଳୀରେ ଶନିବାର ବ୍ଲକ ସଂଖ୍ୟାଲଘୁ ସେଲ୍ ପକ୍ଷରୁ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଗୋଲରାହାଟ ପଞ୍ଚାୟତର ପୂର୍ବତନ ସରପଞ୍ଚ ତ୍ରିଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ମହାପାତ୍ର ଯୋଗଦେଇ ପାଟକୁରାର ବିକାଶ ପାଇଁ ଅଞ୍ଚଳବାସୀଙ୍କ ମତାମତ ଓ ସହଯୋଗ କାମନା କରିଥିଲେ । ନିର୍ବାଚନ ସମୟରେ ବିଭିନ୍ନ ସଂଖ୍ୟାଲଘୁ ସଂପ୍ରଦାୟ ବସ୍ତିବାସିନ୍ଦାଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ ପାଇଁ ସେ ସଂକଳ୍ପବଦ୍ଧ ବୋଲି କହିଥିଲେ । ମହିଳା ସଶକ୍ତିକରଣ କାର୍ଯ୍ୟକାରୀ କରିବା ପାଇଁ ଗୋଲରାହାଟର ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପ କେବଳ ରାଜ୍ୟ ନୁହେଁ ବରଂ ସମଗ୍ର ଦେଶରେ ମହିଳାମାନଙ୍କ ପାଇଁ ପ୍ରେରଣା ପାଲଟିଥିବା ସେ କହିଥିଲେ । ବିଶେଷକରି ଡେରାବିଶ ବ୍ଲକ ଅଞ୍ଚଳ ଲୋକମାନଙ୍କ ଜଳସେଚନ, ବିଦ୍ୟୁତ୍ ଓ ପାନୀୟ ଜଳର ଯେଉଁ ସମସ୍ୟା ରହିଛି ଏହିସବୁ ସମସ୍ୟାର ସମାଧାନ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଅରବିନ୍ଦ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀନରାୟଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ସିଂହ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଲରାହାଟ ସମିତିସଭ୍ୟ କରୁଣାକର କାଣ୍ଡି ଓ ଶିକ୍ଷାବିତ ମୌଲାନା କୁଦ୍ଦୁସ୍, ସାହାଜାହାନ ଖାଁ, ମହେଫୁଜ ଖାଁ, ସୟଦ ଅରମାନ ଅଲ୍ଲୀ, ସୟଦ ଇନୁସ ଆଲ୍ଲୀ, ରକିବ ଖାଁ, ବୁରହାନ ଖାଁ, ଜାବୀର ଖାନ, ମୁନ୍ନା ଖାନ, ସେକ ମହିରୁଦ୍ଦିନ, ଗୋଲାମ ନବୀ, ଅୟୁବ ଖାନ, ଅବଦୁଲ ଖାଲିକ ଓ ମୀର ସେନା ପ୍ରମୁଖ ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଉତ୍ସବ ପ୍ରାରମ୍ଭରେ ବୁରହାନ ଖାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ସୋଲେମାନ ଖାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ସମାବେଶରେ ଯୋଗଦେଇ ସଂଖ୍ୟାଲଘୁ ବସ୍ତିଗୁଡ଼ିକର ଥିବା ବିଭିନ୍ନ ସମସ୍ୟା ଉପରେ ଉପସ୍ଥିତ ସାହି ମୁରବୀମାନଙ୍କ ସହ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ ପାଇଁ ଏକ ନକ୍ସା ପ୍ରସ୍ତୁତ କରିଥିଲେ । ସମାବେଶରେ ସଂଖ୍ୟାଲଘୁ ମହିଳାମାନେ ବିଧାୟକ ଅରବିନ୍ଦଙ୍କୁ ସ୍ୱାଗତ କରିଥିବା ବେଳେ ବିଭିନ୍ନ ସାହିର ମୁରବୀମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ସରୋଜକାନ୍ତ ନାୟକ, ସୁକାନ୍ତ ଦ୍ୱିବେଦୀ, ମନୋରଞ୍ଜନ ଉପାଧ୍ୟାୟ, ସମିତିସଭ୍ୟ ନିରଞ୍ଜନ କର ଓ ଫନିନ୍ଦ୍ର ବେହେରା, ସରପଞ୍ଚ ସୁଧିର କୁମାର ଖଟୁଆ, ପ୍ରବୀର କୁମାର ସିଂହ ଓ ଅରକ୍ଷିତ କାଣ୍ଡି, ଅଭିମନ୍ୟୁ ରାଉତ, ସତ୍ୟରଞ୍ଜନ ସାମଲ ଓ ପ୍ରଶାନ୍ତ ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଧାୟକ ଓ ପୂର୍ବତନ ମନ୍ତ୍ରୀ ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର ଗ୍ରୁପ ପରିଦର୍ଶନ କରି ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବୁଲି ଦେଖିଥିଲେ ।

# ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ଦାବିରେ ଗଣଧାରଣା

ନୟାଗଡ଼,୨।୧୧(ଲୋକନାଥ ମିଶ୍ର)


ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ ଓ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ ମନମୁଖି କାର୍ଯ୍ୟ,କେସ୍ ଧମକର ପ୍ରତିବାଦ
■ ଭାରପ୍ରାପ୍ତ ବିଇଓଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

ନୟାଗଡ଼ ବ୍ଲକ୍ ଚମ୍ପତିପୁରସ୍ଥିତ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠପଢ଼ାରେ ଅଚଳାବସ୍ଥା, ମଧ୍ୟାହ୍ନଭୋଜନରେ ଅବ୍ୟବସ୍ଥା, ପ୍ରଧାନଶିକ୍ଷୟିତ୍ରୀଙ୍କ ରୁକ୍ଷ ବ୍ୟବହାର ଓ ବାରମ୍ବାର କେଶ ଧମକର ପ୍ରତିବାଦରେ ସ୍କୁଲ ସମ୍ମୁଖରେ ଶନିବାର ସକାଳ ପ୍ରାୟ ୭ଟାରୁ ଗଣଧାରଣା ଦିଆଯାଇଥିଲା। ଗ୍ରାମବାସୀ ଓ ଅଭିଭାବକଙ୍କ ଆନ୍ଦୋଳନ ଦେଖି ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଅନ୍ୟ ଶିକ୍ଷକମାନେ ଧାରଣାସ୍ଥଳକୁ ନ ଆସି ଫାଟକର ଭିତରେ ପଟୁ ତାଲା ପକାଇ ସ୍କୁଲରେ ନୀରବ ରହିଲେ। ଏଭଳିସ୍ଥଳେ ଗାଁ ଲୋକ ଓ ଅଭିଭାବକ ଉତ୍ତେଜିତ ହୋଇ ପ୍ରଧାନଶିକ୍ଷକଙ୍କ ବଦଳି ଦାବିରେ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲେ। ଖବର ପାଇ ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଧନେଶ୍ୱର ସେଠୀ ଓ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଞ୍ଜୟ ମଲିକ ପହଞ୍ଚି ଆନ୍ଦୋଳନକାରୀଙ୍କ ଦାବି ଶୁଣିଥିଲେ। ପରେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ହେବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଏନେଇ ସୋନିଆ ବିଶ୍ୱାଳ କୁହନ୍ତି, ସ୍କୁଲରେ ପିଲାମାନଙ୍କର ମଧ୍ୟାହ୍ନଭୋଜନରେ ଖାଇବା, ପାଠପଢ଼ା ଅସୁବିଧା ହେଉଛି। ଏନେଇ ଆମେ ବିଭିନ୍ନ ସମୟରେ କହିଛୁ, ଅଭିଯୋଗ କରିଛୁ। ଅଭିଯୋଗ ପରେ ଟିସି ନେଇ ପଳାଇ ଯାଅ କହୁଛନ୍ତି। ସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ୧୭ରୁ ଊର୍ଦ୍ଧ୍ୱ ବର୍ଷ ହେଲା ରହି ରାଜନୀତି କରୁଛନ୍ତି। ଆମେ ଗଣଧାରଣା ଦେବା ପରେ ଫାଟକ ଭିତର ପଟୁ ତାଲା ପକାଇ ସ୍କୁଲ ଭିତରେ ଲୁଚି ରହି ଆଲୋଚନାକୁ ଆସୁ ନାହାନ୍ତି। ଗୁଣନିଧି ସାଥୁଆ କୁହନ୍ତି, ଶୁକ୍ରବାର ମଧ୍ୟାହ୍ନଭୋଜନରେ ପୋକ ବାହାରିଲା। ଅଭିଯୋଗ କରିବାରୁ ଟିସି ନେବାକୁ ପ୍ରଧାନଶିକ୍ଷୟିତ୍ରୀ କହୁଛନ୍ତି। ସ୍କୁଲରେ ବିକାଶ ନାଁରେ ହରିଲୁଟ୍ ଚାଲିଛି। ପାଠପଢ଼ା ହେଉନି। ଆମେ ପ୍ରଧାନଶିକ୍ଷୟିତ୍ରୀଙ୍କୁ ହଇରାଣ କରିବାକୁ ଚାହୁଁନୁ। ସ୍କୁଲରେ ଅବ୍ୟବସ୍ଥା ବଢୁଥିବାରୁ ନିଜକୁ ନିଜେ ବଦଳି ହୋଇ ଯାଆନ୍ତୁ। ହେଲେ ପ୍ରଧାନଶିକ୍ଷୟିତ୍ରୀ ଗାଁ ଲୋକଙ୍କୁ କଥା ନ ଶୁଣି ଖରାପ ବ୍ୟବହାର କରୁଛନ୍ତି। ରଞ୍ଜିତା ବିଶ୍ୱାଳ କୁହନ୍ତି ସ୍କୁଲରେ ପାଠପଢ଼ା, ମଧ୍ୟାହ୍ନଭୋଜନରେ ଅନିୟମିତତା ବଢ଼ି ଚାଲିଛି। ଅଭିଭାବକ ଓ ଗାଁଲୋକଙ୍କ ପରାମର୍ଶ, ଅଭିଯୋଗ ପ୍ରଧାନଶିକ୍ଷୟିତ୍ରୀ ଶୁଣୁ ନାହାନ୍ତି। କିଛି ଅଭିଭାବକ କହିଥିଲେ ସ୍କୁଲରେ ମଧ୍ୟାହ୍ନଭୋଜନ ଖାଦ୍ୟ ନିମ୍ନମାନର ଦିଆଯାଉଛି। ମନ ପାଇଲେ ଖାଅ ନ ହେଲେ ନାହିଁ କହି ଶିକ୍ଷକ ବିରକ୍ତି ହେଉଛନ୍ତି। ପିଲେ ଘରୁ ଖାଇବା ଆଣୁଛନ୍ତି। ଖାଦ୍ୟର ମାନ ନେଇ କହିଲେ ପଢ଼ିବାକୁ ଆସିଛ ନାଁ ଖାଇବାକୁ ଆସିଛ କହି ଗାଳିଗୁଲଜ କରାଯାଉଛି। ପରିୟର୍ଡ ଅନୁସାରେ ପାଠପଢ଼ା ହେଉନି। ସ୍କୁଲରେ ଅବ୍ୟବସ୍ଥା ବଢ଼ି ଚାଲିବା ପରେ ଶନିବାର ଗଣଧାରଣା ଦିଆ ଯାଇଥିଲା। ଭାରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ଧନେଶ୍ୱର ସେଠୀ କୁହନ୍ତି,ଆନ୍ଦୋଳନକାରୀଙ୍କ ସହ ଆଲୋଚନା କଲୁ। ଆନ୍ଦୋଳନକାରୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯାଇ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଛି। ମଧ୍ୟାହ୍ନଭୋଜନ ସମେତ ଅନ୍ୟ ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ। ଗାଁଲୋକ ଫାଟକରେ ତାଲା ପକାଇ ନାହାନ୍ତି। ସ୍କୁଲ ପକ୍ଷରୁ ତାଲା ପକାଇ ଯାଇଥିଲା। ଗାଁ ଲୋକଙ୍କୁ ଖରାପ ବ୍ୟବହାର ଦେଖାଇବା ଓ କେଶ ଦଧମ ଦେବା ଠିକ ନୁହେଁ ବୋଲି କହିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ଶର୍ମିଷ୍ଠା ସେଠୀ କୁହନ୍ତି. ସ୍କୁଲରେ ପାଠପଢ଼ା, ମଧ୍ୟାହ୍ନଭୋଜନରେ ଠିକ୍‌ଠାକ ଚାଲିଛି। ପାଠପଢ଼ା ଓ ମଧ୍ୟାହ୍ନଭୋଜନ ନେଇ ସେପରି କିଛି ଅଭିଯୋଗ ମିଳିନି। ବରଂ ଆମକୁ ହଇରାଣ ହରକତ କରାଯାଉଛି। ଗାଁ ଲୋକ ଓ ଅଭିଭାବକ ଯେଉଁ ଅଭିଯୋଗ ଆଣୁଛନ୍ତି ତାହା କପୋଳକଳ୍ପିତ ଓ ମନଗଢ଼ା ବୋଲି ସେ କହିଛନ୍ତି।

## ୫ରୁ ଅସ୍ଥାୟୀ ଭାବେ ଛଟେଇ ହେବେ ଟିଟାନିୟମ ପ୍ଲାଣ୍ଟ କର୍ମଚାରୀ

ଛତ୍ରପୁର, ୨।୧୧(ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲ୍ଲା ଛତ୍ରପୁର ନିକଟରେ ଥିବା ଦେଶର ପ୍ରଥମ ସ୍ଲାଗ ପ୍ଲାଣ୍ଟ ଟିଟାନିୟମ କମ୍ପାନୀ ୫ ତାରିଖରୁ ବନ୍ଦ ହେବାକୁ ଯାଉଛି। ଏଥିପାଇଁ ଶତାଧିକ କର୍ମଚାରୀ କାମ ହରାଇବେ। ଏ ନେଇ କାର୍ଯ୍ୟରତ ୧୯୭ କର୍ମଚାରୀଙ୍କୁ କମ୍ପାନୀ ପକ୍ଷରୁ ନୋଟିସ କରାଯାଇଛି। ଅର୍ଡର ମିଳିବା ପରେ ଓ ପରିସ୍ଥିତି ସୁଧୁରିବା ଲାଗି କମ୍ପାନୀ କର୍ତ୍ତୃପକ୍ଷ ଚେଷ୍ଟା କରୁଥିବା, ଯାହାକି ୨୦୨୫ ମାର୍ଚ୍ଚ ବେଳକୁ ସୁଧୁରିଯିବ ବୋଲି କର୍ତ୍ତୃପକ୍ଷ ଆଶା ରଖିଥିବା ନୋଟିସରେ କହିଛନ୍ତି। ଦୀର୍ଘ ବର୍ଷ ଧରି କମ୍ପାନୀ କ୍ଷତିରେ ଚାଲୁଥିବା ବେଳେ ଏବେ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ୫ ତାରିଖରୁ ସମସ୍ତ କର୍ମଚାରୀଙ୍କୁ ଅସ୍ଥାୟୀ ଭାବେ ଛଟେଇ କରାଯିବାକୁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଜାରି କରିଛନ୍ତି। ଉକ୍ତ ନୋଟିସରୁ ମିଳିଥିବା ୫ ମାସ ହେଲା ପ୍ଲାଣ୍ଟରେ କାର୍ଯ୍ୟ ବନ୍ଦ ରହିଛି। ଏପରିକି ୧୭ ମାସ ହେଲା କମ୍ପାନୀକୁ କୌଣସି ଅର୍ଡର ମିଳୁନି। ଏଥିରେ ସହଯୋଗ କରିବାକୁ ସରାଫ ଏଜେନ୍ସି ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ୨୦୧୬ରୁ ଆରମ୍ଭ ହୋଇଥିବା ଏହି କମ୍ପାନୀ ସ୍ଥାନୀୟ ଲୋକଙ୍କଠାରୁ ୨୫୦ ଏକର ଜମି ଅଧିଗ୍ରହଣ କରିଥିବା ବେଳେ ମାତ୍ର ୨୦ ଏକର ଜମିରେ କମ୍ପାନୀ ପ୍ରତିଷ୍ଠା କରିଥିଲା। କମ୍ପାନୀରେ ୪ଶହ ଲୋକଙ୍କୁ ନିଯୁକ୍ତି ଦେବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ତେବେ କମ୍ପାନୀ ୨ଶହ ଲୋକଙ୍କୁ ନିଯୁକ୍ତି ଦେଇଥିଲା। ଏବେ କମ୍ପାନୀ ଅସ୍ଥାୟୀ ଭାବେ ବନ୍ଦ ହେବାକୁ ଯାଉଥିବା ବେଳେ କାର୍ଯ୍ୟରତ କର୍ମଚାରୀ କ'ଣ କରିବେ ସେନେଇ ଚିନ୍ତାରେ ପଡିଛନ୍ତ। ଶନିବାର କାର୍ଯ୍ୟରତ ସମସ୍ତ କର୍ମଚାରୀ ଜିଲାପାଳଙ୍କ ଅନୁପସ୍ଥିତିରେ ଭୂ-ଅଧିଗ୍ରହଣ ଅଧିକାରୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତ। ଏହି ପ୍ଲାଣ୍ଟ ପାଇଁ ଅଧିଗ୍ରହଣ ହୋଇଥିବା ସମସ୍ତ ଜମି ଫେରାଇବା ସହ କର୍ମଚାରୀଙ୍କୁ ପୁନଃନିଯୁକ୍ତି ସେମାନେ ଦାବି କରିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ଏହା ଉପରେ ପଦକ୍ଷେପ ନ ନେଲେ ଆନ୍ଦୋଳନ କରାଯିବ ବୋଲି ଓକିଲ ତଥା ଶ୍ରମିକ ନେତା ପି. ଧର୍ମା ରେଡ୍ଡୀ କହିଛନ୍ତି। ସୂଚନାଯୋଗ୍ୟ ୨୦୦୭ରେ ପ୍ରତି ଘରର ଜଣଙ୍କୁ ନିଯୁକ୍ତି ସର୍ତ୍ତ ରଖି ସ୍ଥାନୀୟ ଲୋକେ ସେମାନଙ୍କ ଜମି ପ୍ଲାଣ୍ଟ ପାଇଁ କମ୍ପାନୀକୁ ଇଡ୍‌କୋ ଜରିଆରେ ଦେଇଥିଲେ। ଉକ୍ତ ଜମିରେ କିଆ ଫୁଲ ଓ ଧାନ ଚାଷ ହେଉଥିଲା।

## କାର୍ତ୍ତିକେୟଙ୍କ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡା,୨।୧୧(କାଳିଚରଣ ଦାଶ)

ବୁଗୁଡା ଗୋପୀନାଥ ମନ୍ଦିର ପରିସରରେ ଆଗାମୀ ନଭେମ୍ବର ୧୧ରୁ ଆରମ୍ଭ ହେବାକୁ ଯାଉଥିବା ଠାକୁର କାର୍ତ୍ତିକେୟଙ୍କ ପୂଜା ଉପଲକ୍ଷେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ଗୋପୀନାଥ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରୋହିତ ଭାବେ ଚିତ୍ତ ରଞ୍ଜନ ଦାଶ ଓ ଷଷ୍ଠି ପ୍ରସାଦ ହୋତା ଯୋଗଦେଇ ପୂଜା ସମ୍ପାଦନ କରିଥିଲେ। ସଂଘ ସଭାପତି ଲିଟୁ ନାଇକ ପରିଚାଳନା କରିଥିଲେ।

## ନୂତନ ତହସିଲଦାରଙ୍କ ଯୋଗଦାନ

ଚକାପାଦ,୨।୧୧(ପ୍ରତାପ କିଶୋର ବେହେରା)

ଚକାପାଦ ତହସିଲରେ ରାକେଶ ପ୍ରଧାନ ନୂତନ ତହସିଲଦାର ଭାବେ ଯୋଗ ଦେଇଛନ୍ତି। ଏହା ପୂର୍ବରୁ ସେ କଳାହାଣ୍ଡି ଜିଲାରେ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ଚକାପାଦ ତହସିଲରେ ସେ ନୂତନ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସବୁବେଳେ ଗୁରୁତ୍ୱ ଦେଇ ସେ କାମ କରିବେ ବୋଲି କହିଛନ୍ତି।

## ଚୈତନ୍ୟ ମଠରେ ଗୋବର୍ଦ୍ଧନ ପୂଜୋତ୍ସବ

ବୁଗୁଡା,୨।୧୧(କାଳିଚରଣ ଦାଶ)

ବୁଗୁଡା ବ୍ଲକ ବି.କରଡ଼ାବାଡ଼ି ଗ୍ରାମସ୍ଥିତ ଶ୍ରୀ କୃଷ୍ଣ ଚୈତନ୍ୟ ଗୌଡୀୟ ମଠରେ ଗୋବର୍ଦ୍ଧନ ପୂଜାତ୍ସୋବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର କାର୍ତ୍ତିକ ଶୁକ୍ଳ ପ୍ରତିପଦାରେ ଆୟୋଜିତ ଏହି ଉତ୍ସବ ଅବସରରେ ଶ୍ରୀକୃଷ୍ଣଙ୍କ ଅଭିଷେକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ପୂର୍ବତନ ବିଧାୟିକାଙ୍କ ସହାୟତା

କବିସୂର୍ଯ୍ୟନଗର,୨।୧୧ (କୃପାସିନ୍ଧୁ ସ୍ୱାଇଁ)

ଆସିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କବିସୂର୍ଯ୍ୟନଗର ବ୍ଲକ ବୋଲସର ଗ୍ରାମର ଘନ ବେହେରା ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାରେ ଏକ ଗୋଡ଼ ହରାଇ ଅକର୍ମଣ୍ୟ ହୋଇ ପଡିଲେ । ବର୍ତ୍ତମାନ ସେ ଶଯ୍ୟାଶାୟୀ ହୋଇ ପଡ଼ିରହିଛନ୍ତି । ଏହି ଖବର ଶୁଣିବା ପରେ ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଘନଙ୍କ ଘରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କୁ ଆର୍ଥିକ ସହାୟତା କରିଛନ୍ତି। ଗଞ୍ଜାମ ଜିଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ପୂର୍ବତନ ସରପଞ୍ଚ ରଜନୀ ମଣ୍ଡଳ, ପୂର୍ବତନ ସମିତି ସଭ୍ୟ ବିପିନ ଦଳେଇ, ମନୋଜ ଆପଟ, ନୀଳାଞ୍ଚଳ ମଣ୍ଡଳ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।


ପୂର୍ବତନ ବିଧାୟିକା ଘନଙ୍କୁ ସହାୟତା ଦେଉଛନ୍ତି।

## ଛତ୍ରପୁର ଷ୍ଟେଟ ବ୍ୟାଙ୍କରେ ଅଗ୍ନିକାଣ୍ଡ

ଛତ୍ରପୁର, ୨।୧୧(ସନ୍ତୋଷ ପାଢ଼ୀ )

ଛତ୍ରପୁର ମୁଖ୍ୟ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ଶନିବାର ଅଗ୍ନିକାଣ୍ଡ ଘଟିଛି। ଶର୍ଟ ସର୍କିଟ ଯୋଗୁ ଏପରି ନିଆଁ ଲାଗିଥିବା ଜଣାପଡିଛି। ଏହି ସୂଚନା ପାଇ ଛତ୍ରପୁର ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବ୍ୟାଙ୍କର ଉପର ମହଲାରୁ ଧୂଆଁ ବାହାରୁଥିବା କିଛି ଲୋକ ଦେଖିଥିଲେ। ପରେ ଭୟରେ ବ୍ୟାଙ୍କରେ ଉପସ୍ଥିତ ଲୋକ ଓ କର୍ମଚାରୀ ବାହାରକୁ ଦୌଡ଼ି ଆସିଥିଲେ। କିଛି ଘଣ୍ଟା ପାଇଁ ବ୍ୟାଙ୍କ ସେବା ବନ୍ଦ ମଧ୍ୟ ରହିଥିଲା। ବ୍ୟାଙ୍କର ଉପର ମହଲରେ ଲାଗିଥିବା ସୋଲାର ପାନେଲରୁ ହିଁ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ତେବେ ଏଥିଯୋଗୁ ବ୍ୟାଙ୍କରେ କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ।

## ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

ଖଜୁରୀପଡ଼ା,୨।୧୧( ବିଦୁର ବେହେରା)

ଖଜୁରୀପଡ଼ା ଥାନା ଅନ୍ତର୍ଗତ ଆଡାସିପଡା ପଞ୍ଚାୟତର ଗଭାସରୁ ଗାଁରେ ଜଣେ ମହିଳା ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସେ ହେଲେ ଗାଁର ନକୁଳ ପ୍ରଧାନଙ୍କ ସ୍ତ୍ରୀ ଅହଲ୍ୟା (୨୬)। ଅହଲ୍ୟା ବିଷପିଇଥିବା ଜାଣିବା ପରେ ପରିବାର ବର୍ଗ ଗୁରୁତର ଅବସ୍ଥାରେ ତାଙ୍କୁ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଅହଲ୍ୟାଙ୍କ ମୃତ୍ୟୁ ହୋଇଛି । ଏ ନେଇ ନକୁଳ ଖଜୁରୀପଡ଼ା ଥାନାରେ ଏତଲା ଦେଇଛନ୍ତି।

## ନୀଳମାଧବ ମହାବିଦ୍ୟାଳୟ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା



ଖଣ୍ଡପଡ଼ା,୨।୧୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ୧୯୯୨ ସେପ୍ଟେମ୍ବର ୧୧ରୁ କାର୍ଯ୍ୟରତ ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ଶତପଥୀ ଅବସର ଗ୍ରହଣ କରିଛନ୍ତି । ଏ ପରିପ୍ରେକ୍ଷୀରେ ବୁଧବାର ଅପରାହ୍ନରେ କର୍ମଚାରୀ ଆସୋସିଏଶନ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅଧ୍ୟକ୍ଷ ରଣଜିତ୍ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସମ୍ମାନୀତ ଅତିଥି ଭାବେ ଆସୋସିଏଶନର ସଭାପତି ଅଧ୍ୟାପକ ହୃଷିକେଶ ମିଶ୍ର, ସମ୍ପାଦକ ପ୍ରାଧ୍ୟାପକ ପ୍ରଭାତ କୁମାର ବେହେରା, ଅଧ୍ୟାପକ ସୁଜଳ କୁମାର ମହାରଣା ପ୍ରମୁଖ ଯୋଗଦେଇ ବିଦାୟୀ ଅଧ୍ୟାପକଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଶେଷରେ ବିଦାୟୀ ଅଧ୍ୟାପକଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ରୀମା ପ୍ରଧାନ ମାନପତ୍ର ପଠନ କରିଥିବା ବେଳେ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ନିରୋଦ କୁମାର ମନ୍ତ୍ରୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ମୋହନା ହିଲ୍ ଟପ୍ ସ୍ନାତକ ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ

ମୋହନା, ୨।୧୧(ମନ୍ମଥ ମିଶ୍ର)

ଦୁର୍ନୀତି ସମାଜରେ ବ୍ୟାଧିଭଳି ବ୍ୟାପିବାରେ ଲାଗିଛି।ଏହାର ନିରାକରଣ ନ ହେଲେ ସୁସ୍ଥ ସମାଜ ଗଠନ ହୋଇ ପାରିବ ନାହିଁ। ତେଣୁ ଦେଶରୁ ଦୁର୍ନୀତି ହଟାଇବା ପାଇଁ ଛାତ୍ରୀଛାତ୍ରମାନେ ଆଜିର ଦିବସରେ ସଂକଳ୍ପ ନେବା ଉଚିତ ବୋଲି ହିଲ ଟପ୍ ସ୍ନାତକ ମହାବିଦ୍ୟାଳୟରେ ଆୟୋଜିତ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଦୁର୍ନୀତି ନିବାରଣ ବିଭାଗ ବ୍ରହ୍ମପୁର ଜୋନ ଉପ ଆରକ୍ଷୀ ଅଧୀକ୍ଷକ ଶରତ ଚନ୍ଦ୍ର ସାହୁ ଯୋଗ ଦେଇ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। ସଚେତନତା ମୂଳକ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଭଗବାନ ବିଷୋୟୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଥିଲେ। ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇ ଦୁର୍ନୀତି ନିବାରଣ ନେଇ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଅଧ୍ୟାପକ ପ୍ରଣବ ପାଢୋସି ସଂଯୋଜନା କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ରୀତା କୁମାରୀ ଶତପଥୀଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

## ଡିସେମ୍ବର ୧୮ରେ ଗଜପତି ଉତ୍ସବ

ପାରଳାଖେମୁଣ୍ଡି,୨।୧୧(ଗିରିଧାରୀ ପରିଛା)

ଜିଲ୍ଲାସ୍ତରୀୟ ଗଜପତି ମହୋତ୍ସବ-୨୦୨୪ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ଲୋକ କଳା ସାଂସ୍କୃତିକ ଉତ୍ସବକୁ ସୁରୁଖୁରୁରେ ତୁଲାଇବା ପାଇଁ ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ସଭା ଗୃହଠରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ, ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ପୌର ଅଧ୍ୟକ୍ଷା ନିର୍ମଳା ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଡ଼.ଗୁଣନିଧି ନାୟକ,ଡିଏସପି ଡ଼.ଚନ୍ଦ୍ର ଶେଖର ହୋତା, ଉପଜିଲାପାଳ ଅନୁପ ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ପ୍ରମୁଖ ଗଜପତି ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ।

## ନେହେରୁ ଛକରେ ଶ୍ୟାମାକାଳୀ ପୂଜା



ପାରଳାଖେମୁଣ୍ଡି,୨।୧୧(ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି କଟିକାସାହିସ୍ଥିତ ନେହେରୁ ଛକ ନିକଟରେ ଦୀର୍ଘ ୪୭ବର୍ଷ ହେଲା ଶ୍ୟାମାକାଳୀ ପୂଜା ଅନଷ୍ଠିତ ହୋଇ ଆସୁଛି। ଏହି ପୂଜା ଏଗାର ଦିନ ଧରି ଚାଲିବ। ସକାଳୁ ମାଆଙ୍କ ଆଳତି, ହୋମଯଜ୍ଞ ପ୍ରଭୃତି ହେବା ସହ ସନ୍ଧ୍ୟା ସମୟରେ ଦୀପଯଜ୍ଞ ଏବଂ ଆଳତି ହୋଇଥିଲା। ଏହାକୁ ଦର୍ଶନ ନିମନ୍ତେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାତିରେ ମାଆଙ୍କ ନିକଟରେ ଅନ୍ନ ଭୋଗ ହୋଇଛି। ୧୧ ଦିନ ପର୍ଯ୍ୟନ୍ତ ପୂଜାର୍ଚ୍ଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ପୂଜା କମିଟି ସଦସ୍ୟ ଭାରତୀ ଭୂଷଣ ମହାନ୍ତି, ଅଶୋକ ଗନ୍ତାୟତ, ପ୍ରୋନଜ ପଟ୍ଟନାୟକ ପ୍ରମୁଖ କହିଛନ୍ତି।

# ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ ହେବ କାର୍ଯ୍ୟାନୁଷ୍ଠାନ

■ବାଲିଗୁଡା ବ୍ଲକ ଦୁର୍ନୀତି
■୧୫ ସୁଦ୍ଧା ରିପୋର୍ଟ ମାଗିଲେ ସରକାର

ଫୁଲବାଣୀ, ୨।୧୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ବାଲିଗୁଡା ବ୍ଲକରେ ହୋଇଥିବା ଦୁର୍ନୀତି ମାମଲାରେ ହେବ କାର୍ଯ୍ୟାନୁଷ୍ଠାନ । ରାଜ୍ୟ ସରକାର ଏହାକୁ ଗୁରୁତର ସହ ନେଇଛନ୍ତି । ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ଏବଂ ସେମାନଙ୍କ ପାଖରୁ ସରକାରଙ୍କ ଟଙ୍କା ଅସୁଲ କରାଯାଇଛି କି ନାହିଁ ତାହା ଉପରେ ରିପୋର୍ଟ ମାଗିଛନ୍ତି ସରକାର । ଏଥିସହ ଘଟଣାରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ଏବଂ ୧୫ ତାରିଖ ସୁଦ୍ଧା ସବୁ ଘଟଣାର ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ସରକାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଏବଂ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଗତ ୧ ତାରିଖରେ ଚିଠି ନଂ ୮୭୮୧ରେ ଜିଲାପାଳଙ୍କୁ ଏହି ଘଟଣା ଉପରେ ରିପୋର୍ଟ ମାଗିଛନ୍ତି । ବାଲିଗୁଡା ବ୍ଲକରେ ଜାତୀୟ ପରିବାର ସହାୟତା ଯୋଜନା(ଏନଏଫବିଏ)ରେ ୭୫ ଲକ୍ଷ ୩୦ ହଜାର ଟଙ୍କାର ଦୁର୍ନୀତି ହୋଇଥିଲା। ଅଡିଟ ରିପୋର୍ଟ ଅନୁସାରେ ଏଥିରେ ସାମିଲ ଥିବା ଅଧିକାରୀଙ୍କ ପାଖରୁ ଅର୍ଥ ଆଦାୟ କରି ସରକାରଙ୍କ ପାଖକୁ ନେବା ଏବଂ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଗତ ୨୦୨୨ ନଭେମ୍ବର ୩୧ରେ ଚିଠି ନଂ. ୩୦୯୪, ୨୦୨୩ ମାର୍ଚ୍ଚ ୨୮ରେ ଚିଠି ନଂ. ୨୬୧୮ ଏବଂ ମାର୍ଚ୍ଚ ୩୦ରେ ଚିଠି ନଂ ୨୭୦୬ରେ ବାରମ୍ବାର ଚିଠି କରାଯାଇଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ଉତ୍ତର ମିଳିନାହିଁ । ତୁରନ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଖରୁ ଅର୍ଥ ଆଦାୟ ଏବଂ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆସନ୍ତା ୧୫ ତାରିଖ ସୁଦ୍ଧା ରିପୋର୍ଟ ପ୍ରଦାନ କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ହୋଇଛି । ସରକାରୀ ଅର୍ଥ ହଡପ କରି ଆମର କିଛି ହେବ ନାହିଁ ବୋଲି ଭାବି ବସିଥିବା ଅଧିକାରୀଙ୍କ ଉପରେ ଏବେ ଚଡକ ପଡିଛି ।

ଏହି ଦୁର୍ନୀତିର ମୂଳ ପୂର୍ବତନ ଏଲ୍‌ଏସ୍‌ଇଓ/ବିଏସଏସ୍‌ଓଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି । ହେଲେ ତାଙ୍କ ପାଖରୁ କୌଣସି ଟଙ୍କା ଅସୁଲ କରାଯାଇନାହିଁ । ଏହି ଦୁର୍ନୀତିରେ ସାମିଲ ଥିବା ଅନ୍ୟମାନଙ୍କ ଉପରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ କି ସେମାନଙ୍କୁ ହୋଇଥିବା ନିର୍ଦ୍ଦେଶ ମୁତାବକ ଅର୍ଥ ଭରଣା କରାଯାଇନାହିଁ ।

ବାଲିଗୁଡା ବ୍ଲକରେ ଲୋକାଲ ଫଣ୍ଡ ଅଡିଟ ଚିଠି ନଂ.୨୮୬/୨୭।୨।୧୭ରେ ଓଏପି(ବାର୍ଦ୍ଧକ୍ୟ ଭତ୍ତା), ଏନଏଫବିଏ(ଜାତୀୟ ପରିବାର ସହାୟତା ଯୋଜନା) ଯୋଜନାରେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହଡପ ନେଇ ବାଲିଗୁଡା ଥାନାରେ କିଛି ଅଧିକାରୀ ଓ କର୍ମଚାରୀଙ୍କ ନାମରେ ମାମଲା ହୋଇଛି । କିନ୍ତୁ ଦୀର୍ଘ ୬ ବର୍ଷ ବିତି ଯାଇଥିଲେ ମଧ ଏଯାଏ ଏମାନଙ୍କ ଉପରେ କୌଣସି ହେଲେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । କେବଳ ଏଲଏସିଓ ଅମୃତା ମିଶ୍ରଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି । ଘଟଣାରେ ସାମିଲ ଥିବା କ୍ୟାସିୟର ଓ ଅନ୍ୟମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇନାହିଁ ।

ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ପାଇଁ ଆସୁଥିବା କୋଟି କୋଟି ଟଙ୍କାକୁ ବାଲିଗୁଡା ବ୍ଲକ ର ପୂର୍ବତନ ଏଲଏସିଓ ଅମୃତା ମିଶ୍ର, ପୂର୍ବତନ କୋଷାଧ୍ୟକ୍ଷ ସତ୍ୟ ନାରାୟଣ ସାହୁ, ବରିଷ୍ଠ କିରାଣି ତଥା ଆକାଉଣ୍ଟାଣ୍ଟ ପ୍ରକାଶ ଚନ୍ଦ୍ର ସାହୁ ଏବଂ ପୂର୍ବତନ ବିଡିଓ ଶୁଭେନ୍ଦୁ ସାମଲ, ପୂର୍ବତନ ଆକାଉଣ୍ଟାଣ୍ଟ ଜୟଦେବ କହଁର ୨୦୦୯ରୁ ୨୦୧୭ ଆର୍ଥିକ ବର୍ଷରେ କୋଟିଏରୁ ଉର୍ଦ୍ଧ ଟଙ୍କା ହଡପ କରିଥିବା ସ୍ୱତନ୍ତ୍ର ଅଡିଟ୍ ରିପୋର୍ଟରେ ପ୍ରକାଶ ପାଇଥିଲା । ପୂର୍ବତନ ଏଲଏସଇଓ ଅମୃତା ମିଶ୍ରଙ୍କ ନାମରେ ୧୯ଲକ୍ଷ ୭୨ହଜାର ୫୫୩, ବାଲିଗୁଡା ପୂର୍ବତନ କ୍ୟାସିୟର ସତ୍ୟ ନାରାୟଣ ସାହୁଙ୍କ ନାମରେ ୧୭ଲକ୍ଷ ୮୪ହଜାର୧୫୪, ଆକାଉଣ୍ଟାଣ୍ଟ ପ୍ରକାଶ ଚନ୍ଦ୍ର ସାହୁଙ୍କ ନାମରେ ୧୧ ଲକ୍ଷ ୩୦ହଜାର, ପୂର୍ବତନ ବିଡିଓ ଶୁଭେନ୍ଦୁ ସାମଲଙ୍କ ନାମରେ ୧୭ ଲକ୍ଷ ୧୪ହଜାର ୧୫୫ଟଙ୍କା ଓ ବାଲିଗୁଡା ପୂର୍ବତନ ହେଡ୍ କ୍ଲର୍କ ଜୟଦେବ କହଁରଙ୍କ ନାମରେ ୭ଲକ୍ଷ ୧୪ହଜାର ୧୫୪ଟଙ୍କା ହଡପ କରିଥିବା ରିପୋର୍ଟରେ ଦର୍ଶା ଯାଇଥିଲା । ସେହିପରି ୪ ଜଣ ପୂର୍ବତନ ବିଡିଓଙ୍କ ନାମରେ ଟଙ୍କା ହଡପ ଅଭିଯୋଗ ହୋଇଥିଲା । ତେବେ ପୂର୍ବତନ ବିଡିଓ ପ୍ରମୋଦ ପୃଷ୍ଟି, ରବି ନାରାୟଣ ସାହୁ ଓ ସରୋଜ ମିଶ୍ର ନାମରେ ଥିବା ଟଙ୍କା ସେମାନେ ଫେରାଇ ଦେଇଛନ୍ତି ।

ସୂଚନାଯୋଗ୍ୟ, ବାଲିଗୁଡା ବ୍ଲକରେ ଏନଏଫବିଏସରେ ପାଖାପାଖି ଗୋଟିଏ ଟଙ୍କାର ଦର୍ନୀତି ହୋଇଥିବା ନେଇ ଲୋକାଲ ଅଡିଟରୁ ଜଣାପଡିବାରୁ ପୂର୍ବତନ ଜିଲାପାଳ ରଘୁ.ଜି ଏହାର ଏକ ସ୍ୱତନ୍ତ୍ର ଅଡିଟ୍ ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ପରିବାର କଲ୍ୟାଣ ଯୋଜନାରେ ଆସିଥିବା ପ୍ରାୟ ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିଭିନ୍ନ ଲୋକଙ୍କ ନାମରେ ୨୦ରୁ ୨୨ ଥର ଲେଖାଏ ଡିପୋଜିଟ କରାଯାଇ ଟଙ୍କା ହଡପ କରାଯାଇଥିବା ଲୋକାଲ ଅଡିଟ ଫଣ୍ଡ ରିପୋର୍ଟରେ ପ୍ରକାଶ ପାଇଥିଲା । ସ୍ୱତନ୍ତ୍ର ଅଡିଟରେ ଦେଢ କୋଟି ଅର୍ଥ ହଡପ ହୋଇଥିବା ଜଣାପଡିବା ପରେ ପୂର୍ବତନ ଜିଲାପାଳ ଡା.ବୃନ୍ଦା ଡି. ଅଭିଯୁକ୍ତମାନଙ୍କ ବିରୋଧରେ ଏତଲା ଦେବା ପାଇଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

